# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1992 CUTTACK, WEDNESDAY, NOVEMBER 22, 2017/MARGASIRA 1, 1939**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No RDM-LAA-KPD-0011-2017/ 33344 R&DM, Dated 10.10.2017**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦ୍ରାପଡା ଜିଲ୍ଲାର **ହରିଦାସପୁର ପାରାଦ୍ୱୀପ ନୂତନ ଓସାରିଆ ରେଳପଥ** ନିର୍ମାଣ ନିମନ୍ତେ ମୌଜା-**ନୂଆହାଟ,** ଥାନା- ଡେରାବିଶ ନଂ –୨୩ , ତହସିଲ- ଡେରାବିଶ ,ଜିଲ୍ଲା- କେନ୍ଦ୍ରାପଡା ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୦.୯୦୭** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

**୧-** ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ହରିଦାସପୁର ପାରାଦ୍ୱୀପ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପ ମୁଖ୍ୟ ଯନ୍ତ୍ରୀ, ( ନିର୍ମାଣ -୩) ପୂର୍ବତଟ ରେଳପଥ , ଭୁବନେଶ୍ୱର ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରି କରିବା ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- **ଓଡିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା -୨୪୨୧୪ / ୨୨.୦୭.୨୦୧୭ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି ।**

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, କେନ୍ଦ୍ରାପଡା ।

୬- ଜମିର ବିବରଣୀ-

| **ଜିଲ୍ଲା** | **ତହସିଲ** | **ଗ୍ରାମ** | **ଗ୍ରାମାଞ୍ଚଳ / ସହରାଞ୍ଚଳ** | **ଖାତା ନଂ** | **ପ୍ଲଟ୍ ନଂ** | **ପ୍ଲଟ୍ ର ମୋଟ ରକବା** | **ଅଧିସୂଚୀତ ଜମିର ରକବା** | **ରୟତ୍ର ନାମ** |
|---|---|---|---|---|---|---|---|---|
| କେନ୍ଦ୍ରାପଡା | ଡେରାବିଶ | **ନୂଆହାଟ** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | **ଏ. ୪.୪୧୮** | **ଏ. ୦.୯୦୭** | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, **ହରିଦାସପୁର ପାରାଦ୍ୱୀପ ନୂତନ ଓସାରିଆ ରେଳପଥ** ପ୍ରକଳ୍ପ , କେନ୍ଦ୍ରାପଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **କେନ୍ଦ୍ରାପଡା** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ **କେନ୍ଦ୍ରାପଡା** ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ଭୂମି ଅନୁସୂଚୀ**

| ଖାତା ନଂ | ପ୍ଲଟ୍ ନଂ | ମୋଟରକବ ।ଏକରରେ | ଅଧିକୃତରକବା ଏକରରେ | ଜମିରକିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୯୮ | ୫୮୪ | ୦.୧୬୦ | ୦.୦୩୦ | ଚକ ଶାରଦ | ଧ୍ରୁବଚରଣସ୍ୱାଇଁ , ତୁଳସୀ ନାୟକ ପି - ନୀଶାମଣିସ୍ୱାଇଁ , ସୁରୁଜିସ୍ୱାଇଁ , ସ୍ୱା - ନୀଶାମଣିସ୍ୱାଇଁବର୍କଂମ୍‌ଚରଣସ୍ୱାଇଁ, ବାବାଜୀଚରଣସ୍ୱାଇଁ ପି - ପାଣୁସ୍ୱାଇଁ , ସଖିସ୍ୱାଇଁସ୍ୱା - ପାଣୁସ୍ୱାଇଁଜା- ଓଡପଧାନ ସା - ନିଜଗାଁ |
| ୩୩୩ | ୫୧୦ | ୦.୨୩୦ | ୦.୦୧୦ | ଚକ ଶାରଦ | ନିମାଇଁଚରଣ ପାତ୍ର , ବିପିନ ବିହାରୀ ପାତ୍ର, ଶ୍ରୀକାନ୍ତ ଚରଣ ପାତ୍ର , ପ୍ରଭାତକୁମାର ପାତ୍ର , ସାରାଦା ପ୍ରସନ୍ନ ପାତ୍ର , ପି - ଉପେନ୍ଦ୍ରନାଥ ପାତ୍ରଜା - ପାଟରାସା - କୁସୁନପୁର |
| ୩୩୫ | ୫୯୩ | ୦.୭୦୧ | ୦.୦୭୧ | ଚକ ଶାରଦ | ନିରଞ୍ଜନ ବେହେରା ପି - ଧନୀ ବେହେରା , ଜା- ଓଡପଧାନ , ସା - ନିଜଗାଁ |
| ୪୦୧ | ୫୨୫ | ୦.୨୩୦ | ୦.୦୧୦ | ଚକ ଶାରଦ | ପୂର୍ଣ୍ଣଚନ୍ଦ୍ର ପାତ୍ର ପି - ତ୍ରିଲୋଚନ ପାତ୍ରଜା - ପାଟରାସା - କୁସୁନପୁର |

| | | | | | |
|---|---|---|---|---|---|
| ୪୬୧ | ୬୦୦ | ୦.୯୮୯ | ୦.୧୬୯ | ଚକ ଶାରଦ | ବଞ୍ଚୁରାଉତ ପି - ଲୋକନାଥ ରାଉତଜା - ଓଡପଧାନ ସା - ନିଜଗାଁ |
| ୫୪୪ | ୫୮୨ | ୦.୩୨୧ | ୦.୩୨୧ | ଚକ ଶାରଦ | ଭାଗ୍ୟଧର ବେହେରା ପି - ଚଇଁବେହେରା ଓଡପଧାନ ସା - ନିଜଗାଁ |
| ୫୫୧ | ୫୮୨/ ୨୪୬୭ | ୦.୧୯୨ | ୦.୦୭୦ | ଚକ ଶାରଦ | ଭାରତୀସିଂସ୍ୱା - ବାସୁଦେବ ସିଂ , ପ୍ରେମଲତାସିଂସ୍ୱା - ବସନ୍ତ କୁମାରସିଂଜା - ଛତ୍ରୀସା - ନିଜଗାଁ |
| ୭୫୬ | ୫୨୮/ ୨୪୭୩ | ୦.୧୫୮ | ୦.୦୫୦ | ଚକ ଶାରଦ | ସୁଶାନ୍ତ କୁମାରସ୍ୱାଇଁ ପି - ସନାତନ ସ୍ୱାଇଁ , ଚୈତନ୍ୟକୁମାରସ୍ୱାଇଁ ପି - ବଳରାମସ୍ୱାଇଁଜା - ଓଡପଧାନ ସା - ନିଜଗାଁ |
| ୭୮୦ | ୫୯୪ | ୦.୩୦୪ | ୦.୦୬୭ | ଚକ ଶାରଦ | ହରି ପଧାନ , ଦରି ପଧାନ , ପି - ବିନୋଦ ପଧାନ ଜା - ଓଡପଧାନ ସା - ନିଜଗାଁ |
| ୫୫ | ୫୮୫ | ୦.୩୯୯ | ୦.୦୯୯ | ଚକ ଶାରଦ | କଣ୍ଢୁରିବେହେରା , ଉଦିଆବେହେରା , ଶୁକୁଟିବେହେରା ପି - ଫଗୁବେହେରାଜା - ଓଡପଧାନ ସା - ନିଜଗାଁ |
| ୫୬୮ | ୫୨୯ | ୦.୭୩୪ | ୦.୦୧୦ | ଚକ ଶାରଦ | ମନ୍ଦରଧର ଜେନା , ଇନ୍ଦ୍ରମଣୀଜେନା , ଚନ୍ଦ୍ରମଣୀଜେନା ପି - ମାଧ ଜେନାଜା - ଓଡପଧାନ ସା - ନିଜଗାଁ |
| | | ମୋଟ | ୦.୯୦୭ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ

ଅଭୟ କୁମାର ନାୟକ

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10

Ex. Gaz. 1320—173+20